Sankha Bhawan
Plot No. 798, Unit - VI
Bhubaneswar - 751001, Odisha

BJD

Ph : 0674-2393464, 2395979
email : bijujanatadal@gmail.com

# BIJU JANATA DAL

## ବିଜେଡିର ମିଶ୍ରଣ ପର୍ବ

# ବିଜେଡ଼ିରେ ଯୋଗ ଦେଲେ କଳାହାଣ୍ଡି ଜିଲ୍ଲା ଆମ୍ ଆଦମୀ ପାର୍ଟି ସଭାପତି

**ଭୁବନେଶ୍ୱର, ୨୯/୦୨/୨୦୨୪:** କଳାହାଣ୍ଡି ଜିଲ୍ଲା ଆମ୍ ଆଦମୀ ପାର୍ଟିର ସଭାପତି, ସାଧାରଣ ସମ୍ପାଦକ, ବିଜେପିର ଜୋନ ସଭାପତି ଓ ବହୁ ପଞ୍ଚାୟତ ପ୍ରତିନିଧି ସହ ଶତାଧିକ ବିଜେପି, କଂଗ୍ରେସ ଏବଂ ଆମ୍ ଆଦମୀ କର୍ମୀ ଆଜି ଶଙ୍ଖ ଭବନ ଠାରେ ଧର୍ମଶାଳା ବିଧାୟକ ତଥା କଳାହାଣ୍ଡି ପର୍ଯ୍ୟବେକ୍ଷକ ପ୍ରଣବ ବଳବନ୍ତରାୟ, ପୂର୍ବତନ ବିଧାୟକ ତଥା କଳାହାଣ୍ଡି ଜିଲ୍ଲା ସଭାପତି ପୁଷ୍ପେନ୍ଦ୍ର ସିଂହଦେଓ, ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିଶାରୀ ଓ ଆମ ଓଡିଶା ନବୀନ ଓଡିଶା କଳାହାଣ୍ଡି ଜିଲ୍ଲା ସଂଯୋଜକ ବଦ୍ରୀ ନାରାୟଣ ପଟ୍ଟନାୟକଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ୍ ହୋଇଥିବା ସମସ୍ତ ବିଜେପି, କଂଗ୍ରେସ ଓ ଆମ୍ ଆଦମୀ କର୍ମୀଙ୍କୁ ଶ୍ରୀ ବଳବନ୍ତରାୟ, ଶ୍ରୀ ସିଂହଦେଓ, ଶ୍ରୀ ଦିଶାରୀ ଓ ଶ୍ରୀ ପଟ୍ଟନାୟକ ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ। ବିଜେପି, କଂଗ୍ରେସ, ଆମ୍ ଆଦମୀ କର୍ମୀଙ୍କ ଯୋଗଦାନ ଫଳରେ ବିଶେଷ କରି କଳାହାଣ୍ଡି ଜିଲ୍ଲାରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଶ୍ରୀ ବଳବନ୍ତରାୟ, ଶ୍ରୀ ସିଂହଦେଓ, ଶ୍ରୀ ଦିଶାରୀ ଓ ଶ୍ରୀ ପଟ୍ଟନାୟକ କହିଥିଲେ।

ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ଆମ୍ ଆଦମୀ ନେତା ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକଳାପ ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗଦେଲୁ । ଦଳ ଆଗକୁ ଯାହା ଦାୟିତ୍ୱ ଦେବ ତାକୁ ସୂଚାରୁ ରୂପେ ତୁଲାଇବୁ । ଦଳରେ ଆମକୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ ।

ଏହି ମିଶ୍ରଣ ପର୍ବରେ କଳାହାଣ୍ଡି ଜିଲ୍ଲା ଆମ ଆଦମୀ ପାର୍ଟିର ସଭାପତି ବିଘ୍ନରାଜ ପଣ୍ଡା, ଜୋନ-୨ ବିଜେପି ସଭାପତି ତଥା ସରପଞ୍ଚ ବୈଦ୍ୟନାଥ ଠାକୁର, ଜୟପାଟଣା ବ୍ଲକ କଂଗ୍ରେସ ସାଧାରଣ ସମ୍ପାଦକ ଗୌରା ଚୌହାନ, ବିଜେପି ପୂର୍ବତନ ଯୁବ ବିଜେପି ସଭାପତି ଅନିଲ କୁମାର ସାହୁ, ଜୟପାଟଣା ବ୍ଲକର ପୂର୍ବତନ ବିଜେପି ଯୁବ ସାଧାରଣ ସମ୍ପାଦକ ଦିବ୍ୟାନନ୍ଦ ରାଉତରାୟ, ବିଜେପି ନେତା ସୁନିଲ ସାହୁ, ଶଙ୍କର ସେଠୀ, କରଣ ନାୟକ, ଦିପକ ପଟ୍ଟନାୟକ, ଅନନ୍ତ ଦାସ, ସରୋଜ ଦାସ, ଚିତ୍ତ ସାହୁ, ହୃଷିକେଶ ଦାସ, ହେମନ୍ତ ଦାସ, ଅଜୟ କୁମାର ଦାସ, ସୌମ୍ୟରଂଜନ ପଟ୍ଟନାୟକ, ତ୍ରିନାଥ ସେଠୀ, ଆପ୍ ଦଳର ଗଣେଶ ବାଗ, ପ୍ରଦୀପ କୁମାର ନାଏକ, ରମାକାନ୍ତ ନାଏକ, ପ୍ରସନ୍ନ କୁମାର ସାହୁ, ଡମ୍ବରୁଧର ଦୁର୍ଗା, ମୁରଲୀଧର ନାଏକ, ଚିନ୍ତାମଣି କୁମାର, ବିଭୂଦତ୍ତ ମାଝୀ, ମନମୋହନ ନିଆଲ, କଂଗ୍ରେସର, ସୁରେଶ ଦାଣ୍ଡି, ଟୁନିଭଟ୍ଟୀ, ଜୟନ୍ତ ଦୁର୍ଗା, ସୁକାନ୍ତ ବେମଲ, ପଦ୍ମିନୀ ବେମଲଙ୍କ ସହ ଶତାଧିକ ବିଜେପି, କଂଗ୍ରେସ ଓ ଆପ୍ ଦଳର କର୍ମୀ ବିଜେଡ଼ିରେ ସାମିଲ୍ ହୋଇଥିଲେ । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

ଡଃ ପ୍ରିୟବ୍ରତ ମାଝୀ

(ପ୍ରିୟବ୍ରତ ମାଝୀ)
ମୁଖପାତ୍ର, ବିଜୁଜନତା ଦଳ


ବି ଜେ ଡି
ODISHA


ବି ଜେ ଡି
ODISHA


ବି ଜେ ଡି
ODISHA